## ସଂକ୍ଷେପରେ

### ହନୁମାନ ଜୟନ୍ତୀରେ ଯୋଗଦେଲେ ବିଧାୟକ

ଛତ୍ରପୁର, ୧୪।୪ (ଦିଲୀପ ସାମଲ)

ଓଡ଼ିଆ ନବବର୍ଷ ତଥା ବିଷୁବ ସଂକ୍ରାନ୍ତି ଅବସରରେ ଛତ୍ରପୁର ଏବଂ ଆଖପାଖ ଅଞ୍ଚଳରେ ହନୁମାନ ଜୟନ୍ତୀ ପାଳିତ ହୋଇଛି। ପୋଡପଦର ପଞ୍ଚାୟତ କୁମାର ବେଗପଲ୍ଲୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ୧୦୮ ହନୁମାନ ଚାଳିଶା, ହୋମଯଜ୍ଞ ଏବଂ ପୂଜା ଅର୍ଚ୍ଚନା କରିବା ସହ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ସେହପରି ଛତ୍ରପୁର ରେଡ୍ଡି ସାହି ଛକ ଠାରେ ଥିବା ହନୁମାନ ବିଗ୍ରହଙ୍କ ପୂଜାର୍ଚ୍ଚନା କରାଯିବା ସହ ହନୁମାନଙ୍କ ଅନ୍ନ ଭୋଗ ଅନୁଷ୍ଠିତ ହୋଇଥିଲା। ପୁତି ଗୋପାଳପୁର ଗ୍ରାମ ନିକଟରେ ଥିବା ହନୁମାନ ବିଗ୍ରହ ମଧ୍ୟ ପୂଜା ପାଇଥିଲା । ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ କାଉନସିଲର ତଥା ବିଜେଡି ନଗର ସଭାପତି ବି. ରାଜିବାବୁ, ପୂର୍ବତନ କାଉନସିଲର ବି. ଜୟନ୍ତି ଦୋରା, କାଉନସିଲର ଟି. ଗଣେଶ ରେଡ୍ଡୀଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇ ହନୁମାନଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏଥିସହ ସହର ଏବଂ ଗ୍ରାମର ବିଭିନ୍ନ ଗଳିକନ୍ଦିରେ ହନୁମାନ ଜୟନ୍ତୀ ଅବସରରେ ପଣା ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା।

### ଲକ୍ଷ୍ମୀ ନାରାୟଣ ବଣିକ ସଂଘ ତରଫରୁ ପଣା ସଂକ୍ରାନ୍ତି

ବେଲଗୁଣ୍ଠା, ୧୪।୪ (କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ରବିବାର ପବିତ୍ର ମହା ବିଷୁବ ସଂକ୍ରାନ୍ତିରେ ବେଲଗୁଣ୍ଠା ବ୍ଲକ୍ ଗୋବରା ଶ୍ରୀଲକ୍ଷ୍ମୀ ନାରାୟଣ ବଣିକ ସଂଘ ତରଫରୁ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ବଣିକ ସଂଘ ସଭାପତି ଭି. ଦିଲ୍ଲୀପ କୁମାର ରାଜୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ସମ୍ପାଦକ ସୁରେଶ କାନ୍ତ ବେହେରା, ସହସମ୍ପାଦକ ଅଜିତ୍ କୁମାର ମହାରଣା, କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ମହାରଣା, ବିଶ୍ୱଜିତ୍ ସଂହତି, ପଦ୍ମଚରଣ ନାୟକ, ହରିହର ସାହୁ, ଭି ଗୌରୀଶଙ୍କର ରାଜୁ, ଭି. ସନ୍ଦୀପ୍ କୁମାର ରାଜୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ଗୁରୁକୃପା ଆଶ୍ରମରେ ହନୁମାନ ଜୟନ୍ତୀ



ଆସିକା, ୧୪।୪ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସହର ଓ ଗ୍ରାମାଞ୍ଚଳରେ ରବିବାର ହନୁମାନଙ୍କ ଜୟନ୍ତୀ ପାଳିତ ହୋଇଛି। ମନ୍ଦିରଗୁଡିକରେ ପୂଜା, ହୋମ, ହନୁମାନ ଚାଳିଶା ପାଠ ସହ ସନ୍ଧ୍ୟାରେ ଠାକୁରଙ୍କ ବିଜେ ପ୍ରତିମାଙ୍କୁ ନଗର ପରିକ୍ରମା କରାଯାଇଥିଲା। ଆସିକା ଏନ୍‌ଏସିର ବାଣୀବିହାର ସ୍ଥିତ ଗୁରୁକୃପା ଆଶ୍ରମରେ କୋଟିଏ ରୁଦ୍ରାକ୍ଷରେ ନିର୍ମିତ ହନୁମାନଙ୍କ ବିଗ୍ରହଙ୍କୁ ସ୍ଥାପନ କରାଯାଇଥିଲା। ଭୋରରୁ ୪.୩୦ରୁ ଓଁକାର, ବେଦପାରାୟଣ, ଗୁରୁବନ୍ଦନା, ହନୁମାନଜୀଙ୍କ ପ୍ରାତଃ ଦର୍ଶନ ସାଙ୍ଗକୁ ଶ୍ରଦ୍ଧାଳୁଙ୍କ ଗହଣରେ ୧୦୮ ଥର ଗାୟତ୍ରୀ ପାଠ ଓ ୨୧ଥର ହନୁମାନ ଚାଳିଶା ପାଠ କରାଯାଇଥିଲା । ଶ୍ରଦ୍ଧାଳୁଙ୍କ ଦ୍ୱାରା ଏକଲକ୍ଷ ଆଠ ବିଲ୍ୱ ପତ୍ର ଉପରେ ତୁଳସୀ କାଠୀରେ ହନୁମାନ ସିନ୍ଦୁରରେ ରାମନାମ ଲେଖା ବିଲ୍ୱପତ୍ରକୁ ଠାକୁରଙ୍କୁ ଅର୍ପଣ କରାଯାଇଥିଲା । ଆଶ୍ରମର ପ୍ରତିଷ୍ଠାତା ସଦଗୁରୁ ଶ୍ରୀ ଆତ୍ମାରାମ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେଶର ବିଭିନ୍ନ ସ୍ଥାନରୁ ରାମନାମ ଲିଖନ ୯ଶହ କୋଟି ନାମ ପତ୍ରିକାର ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ନାମ ଆଳତୀ ଓ ଆନନ୍ଦ ସଭା ମାଧ୍ୟମରେ ଆଧାତ୍ମିକ କାର୍ଯ୍ୟକ୍ରମରେ ଭକ୍ତିଭାବାପନ୍ନ ଜୀବନଶୈଳୀ ଗଠନ ନିମନ୍ତେ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସେହିଭଳି ଆସିକା ସହର ସୁନାମ୍ବ ସାହି ଜଗନ୍ନାଥ ମନ୍ଦିର, ନୃସିଂହ ମନ୍ଦିର, ଗାନ୍ଧୀନଗର, ଲଛମନପଲ୍ଲୀ, ତାଲୁକା ଛକ ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

# ମା' ଦଣ୍ଡକାଳୀଙ୍କ ଯାତ୍ରା ଉଦ୍‌ଯାପିତ

## ଅପରିଷ୍କାର ପାଣି ଯୋଗୁ ଶ୍ରଦ୍ଧାଳୁ ହଟହଟା

ପୁରୁଷୋତ୍ତମପୁର, ୧୪।୪ (ସୀମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ସହରରେ ମା' ଦଣ୍ଡକାଳୀଙ୍କ ଯାତ୍ରା ରବିବାର ମହାବିଷୁବ ସଂକ୍ରାନ୍ତିରେ ଉଦ୍‌ଯାପିତ ହୋଇଛି। ଏଠାରେ ୩ଟି ଦଣ୍ଡଯାତ୍ରା ଦଳ ଯଥା ଧୋବାପୁଞ୍ଜା, ଗୌଡ଼ପୁଞ୍ଜା ଓ ବିପତ୍ତି ହାରିଣି ତେଲିପୁଞ୍ଜା ରହିଛନ୍ତି। ଯାତ୍ରା ଉଦଯାପନୀ ଅବସରରେ ହଜାର ହଜାର ମା' ଦଣ୍ଡକାଳୀଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ପୋଖରୀ ତୁଠରେ ଅଧିଆ ପଡିଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ତେଣୁ ମାନସିକ ପୂରଣ ଲାଗି ଶତାଧିକ ମହିଳା ପ୍ରଚଣ୍ଡ ଖରାରେ ଅଧିଆ ପଡ଼ିଥିଲେ। ମାତ୍ର ଗୋପାଳବନ୍ଧ ପରିସର ଅପରିଷ୍କାର ସହ ଅଧିକ ପାଣି ନ ଥିବା ହେତୁ ଅଧିଆ ପଡିଥିବା ମହିଳା ପୁରୁଷମାନଙ୍କୁ ହଟହଟା ହେବାକୁ ପଡ଼ିଥିଲା। ୨୧ ଦିନ ଧରି ମାନସିକଧାରୀ ଭୋକତାମାନେ ଘର ଛାଡି ଦଣ୍ଡଯାତ୍ରାରେ ସାମିଲ ହୋଇଥିଲେ। ଶିବ କାଳୀଙ୍କୁ ସାଙ୍ଗରେ ଧରି ବିଭିନ୍ନ ଗ୍ରାମ ପରିକ୍ରମା କରୁଥିଲେ।



ପୋଖରୀ ତୁଠରେ ଭକ୍ତମାନେ ଅଧିଆ ପଡିଛନ୍ତି।

ଭୋକ୍ତାମାନେ ମଧ୍ୟାହ୍ନରେ ଧୂଳିଦଣ୍ଡ, ପୋଖରୀରେ ପାଣିଦଣ୍ଡ ଓ ରାତିରେ ଅଗ୍ନିଦଣ୍ଡ ପରିବେଷଣ କରି ମାନସିକ ପୂରଣ କରିଥାନ୍ତି। ମେରୁ ଯାତ୍ରାରେ ମୁଖ୍ୟ ପାଟ ଭୁକ୍ତାଙ୍କୁ ଅଗ୍ନି କୁଣ୍ଡରେ ଓହଳାଇ ରଖିବା ପରେ ଦଣ୍ଡ ଯାତ୍ରା ସମାପନ ହୋଇଥିଲା।

# ଭାଜପାରେ ଗୋଷ୍ଠୀ କନ୍ଦଳ

ଗଞ୍ଜାମ, ୧୪।୪ (ବିଦ୍ୟାଧର ସାହୁ)

ଛତ୍ରପୁର ନିର୍ବାଚନ ମଣ୍ଡଳୀର ଭାଜପାରେ ଗୋଷ୍ଠୀ କନ୍ଦଳ ଦେଖିବାକୁ ମିଳିଛି। ଶୁକ୍ରବାର ଗଞ୍ଜାମ ସହର ସ୍ଥିତ ଖଣ୍ଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଧାୟକ ପ୍ରାର୍ଥୀ କୃଷ୍ଣଙ୍କ ବିରୋଧରେ ମେଳି ବାନ୍ଧିଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ବିଜେଡିରେ ଥିବା ବନମାଳି ସେଠୀ ଭାଜପାରେ ସାମିଲ ହୋଇଥିଲେ। ତେବେ ତାଙ୍କୁ ଭାଜପାରୁ ଟିକେଟ ମିଳିନଥିଲା। ଫଳରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ମନ ବାଳାଇଥିବା ଜଣାପଡ଼ିଛି। ତେବେ ବନମାଳି ଓ ତାଙ୍କ ସମର୍ଥକମାନଙ୍କ ବୈଠକ ଚାଲିଥିବା ବେଳେ ଭାଜପା ପ୍ରାର୍ଥୀ କୃଷ୍ଣ ନାୟକ ପହଞ୍ଚି ପଦ୍ମ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଥିଲେ। ତେବେ ସେଠାରେ ଥିବା ବନମାଳିଙ୍କ ସମର୍ଥକମାନେ ତାଙ୍କୁ ବିରୋଧ କରିଥିଲେ। ଏଥିସହ ଅନ୍ୟ ଜଣେ ଆଶାୟୀ ପ୍ରଶାନ୍ତ କର ମଧ୍ୟ ଉକ୍ତ ବୈଠକରେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଉକ୍ତ ସଭାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ ପ୍ରଶାନ୍ତ ମଧ୍ୟ ଦାବି କରିଥିଲେ। ଏହି ବୈଠକରେ ଭାଜପା ନଗର ସଭାପତି କାନ୍ତାରୀ ଦଳେଇ, ପୂର୍ବତନ କାଉନସିଲର ରଞ୍ଜନ ବେହେରା, ଧନୁର୍ଦ୍ଧର ବେହେରା, ସୁଦାମ ଚରଣ ଜେନା, ଛତ୍ରପୁର ଚେୟାରମ୍ୟାନଙ୍କ ସ୍ୱାମୀ ଶେଖର ରେଡ୍ଡି, ଅଜୟ ରାଉଳଙ୍କ ସମେତ ଅନ୍ୟାନ୍ୟ କର୍ମୀ ଉପସ୍ଥିତ ଥିଲେ।

# ଛତ୍ରପୁରରେ ଶେଷହେଲା ଦଣ୍ଡ ନାଚ



ଦଣ୍ଡକାଳୀଙ୍କ ପୂଜାର୍ଚ୍ଚନା କରାଯାଉଛି।

ଛତ୍ରପୁର ୧୪।୪ (ଦିଲୀପ ସାମଲ)

ଗଞ୍ଜାମର ପ୍ରସିଦ୍ଧ ଯାତ୍ରା ମଧ୍ୟରେ ଦଣ୍ଡଯାତ୍ରା ଜିଲାର ସମସ୍ତ ଅଞ୍ଚଳରେ ଦୀର୍ଘ ୨୧ ଦିନ ବ୍ୟାପୀ ଧୁମଧାମରେ ପାଳନ କରାଯାଇଥିବା ବେଳେ କେଉଁ ଅଞ୍ଚଳରେ ୧୩ ଦିନ ଧରି ମଧ୍ୟ ଏହି ଯାତ୍ରାକୁ ପାଳନ କରି ରବିବାର ସମାପନ ହୋଇଛି । ଛତ୍ରପୁର ବ୍ଲକର ବିଭିନ୍ନ ଗ୍ରାମରେ ଥିବା ଦେବୀପୀଠରୁ ଏହି ଯାତ୍ରା ଆରମ୍ଭ ହୋଇ ଆଜି ଦିନରେ ମେରୁ ଯାତ୍ରା ପାଳିତ ହୋଇଛି। ଛତ୍ରପୁର ସ୍ଥିତ ବିରେଶ୍ୱର ଦକ୍ଷିଣ ଦଣ୍ଡକାଳୀ ମା'ଙ୍କ ପୀଠରେ ମଧ୍ୟ ମେରୁ ଯାତ୍ରା ଅନୁଷ୍ଠିତ ହୋଇଛି। ସେହିପରି ଛତ୍ରପୁର ବ୍ଲକ ଅନ୍ତର୍ଗତ ସୀତାନଗର, କୁମାର ବେଗପଲ୍ଲୀ, ସୂର୍ଯ୍ୟନଗର, ଲଣ୍ଡା ବାଉଁଶ, ନନ୍ଦ ପଣ୍ଡାପଲ୍ଲୀ, କମାପଲ୍ଲୀ, ସିନ୍ଦିରାପଲ୍ଲୀ, କେରାଣ୍ଡିତୋଳା, ବିପୁଲିଙ୍ଗି ସମେତ ବିଭିନ୍ନ ଅଞ୍ଚଳରେ ମେରୁଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଯାତ୍ରାର ପରମ୍ପରା ହେଲା ପାଟଭୁକ୍ତାଙ୍କୁ କ୍ଷୀରରେ ସ୍ନାନ କରାଯାଇ ମେରୁ ଖୁଣ୍ଟରେ ଝୁଲା ଯାଇଥାଏ। ଏହାପରେ ପାଟଭୁକ୍ତା ମାନସିକଧାରୀଙ୍କୁ ତାଙ୍କ ହାତରେ ଆମ୍ବ, ଖଜୁରୀ କୋଳି ଦେଇଥାନ୍ତି। ଆଜି ସକାଳୁ ସକାଳୁ ଦଣ୍ଡୁଆମାନେ ଧୂଳିଦଣ୍ଡ କରି ପୋଖରୀ ତୁଠକୁ ଯାଇ ପାଣିଦଣ୍ଡ ଖେଳିବା ସହ ସ୍ନାନ କରି ମେରୁ ଯାତ୍ରାକୁ ଆସିଥାନ୍ତି। ବାଟରେ ମା'ଙ୍କୁ ବିଭିନ୍ନ ସ୍ଥାନରେ ପୂଜାର୍ଚ୍ଚନା ଭକ୍ତମାନେ କରିଥାନ୍ତି। ଦଣ୍ଡଯାତ୍ରାରେ ଭାଗ ନେଉଥିବା ଦଣ୍ଡୁଆମାନଙ୍କ ପରିବାର ଦୀର୍ଘଦିନ ଧରି ନିଷ୍ଠାର ସହ ବ୍ରତ ପାଳନ୍ତି।

# ୧୧ ଗ୍ରାମର ମେରୁ ଯାତ୍ରା, କୁଲାଗଡ଼ରେ ପ୍ରବଳ ଜନସମାଗମ



ମେରୁ ପଡିଆରେ ନିଜର ମନସ୍କାମନା ପୂରଣ ପାଇଁ ଅଧିଆ ପଡ଼ିଥିବା ଶ୍ରଦ୍ଧାଳୁମାନେ।

ଶେରଗଡ଼, ୧୪।୪ (ସୂର୍ଯ୍ୟନାରାୟଣ ଦାଶ)

୧୩ ଦିନ କାମନା ଦଣ୍ଡ ପରେ ରବିବାର ବ୍ଲକର ସମସ୍ତ ୧୧ଟି ଗ୍ରାମର ଦଣ୍ଡଦଳ ନିଜ ନିଜ ଗ୍ରାମରେ ପହଞ୍ଚିଛନ୍ତି। ଏହି ଅବସରରେ ଗ୍ରାମର ମୁଖ୍ୟସାହିର ଦାଣ୍ଡରେ ଦଣ୍ଡ ଦଳକୁ ଗ୍ରାମବାସୀ ପୂଜାର୍ଚ୍ଚନା ପରେ ଗ୍ରାମ ପୋଖରୀକୁ ଯାଇଥିଲେ। ସେଠାରେ ପାଣି ଦଣ୍ଡ ପରେ ମେରୁ ପଡିଆରେ ମେରୁ ଯାତ୍ରା ସମାପନ ହୋଇଛି। ବିଶେଷକରି କୁଲାଗଡ଼ ଗ୍ରାମରେ ଲକ୍ଷାଧିକ ଭକ୍ତଙ୍କ ଗହଣରେ ମେରୁଯାତ୍ରା ସମାପନ ହୋଇଛି। ଶତାଧିକ ଭକ୍ତ କୁଲାଗଡ ଦାଣ୍ଡରେ ନିଜର ମନସ୍କାମନା ପାଇଁ ପଡ଼ି ରହିଥିଲେ। ପରେ ଶତାଧିକ ମାନସିକଧାରୀ ପରିବାର ମେରୁ ପଡିଆରେ ନିଜର ମନସ୍କାମନା ପୂରଣ ପାଇଁ ଶୋଇ ରହିଥିଲେ। ମେରୁ ପଡିଆରେ ପୂଜାର୍ଚ୍ଚନା ପରେ ମା' କାଳୀ, ଶିବ ପାର୍ବତୀଙ୍କୁ କାଳୀ ମନ୍ଦିରକୁ ନିଆଯାଇଛି। ସେଠାରେ ରାତ୍ରିରେ ଅଗ୍ନିଦଣ୍ଡ କରାଯାଇଥିଲା। ଶେରଗଡ ବ୍ଲକର ଖିରିଡା, ବନ୍ଧାଗୁଡା, ବରମୁଣ୍ଡଳୀ, ଡିଙ୍କିଶାଳ, ଆମ୍ବୁଆବାଡି, ଧବଳପୁର, ପଥରପୁଞ୍ଜି, ଅଲାରିଗଡ, ପିଉଳ, କାଞ୍ଜିଆମା, ଡେଙ୍ଗା ପଦର ଓ କୁଲାଗଡ ଗ୍ରାମରେ ମେରୁଯାତ୍ରା ପାଳିତ ହୋଇଥିଲା।

# ବିଭିନ୍ନ ସ୍ଥାନରେ ମେରୁ ସଂକ୍ରାନ୍ତି

ବେଲଗୁଣ୍ଠା, ୧୪।୪ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ମହା ବିଷୁବ ସଂକ୍ରାନ୍ତି ଅବସରରେ ବେଲଗୁଣ୍ଠା ବ୍ଲକର ବିଭିନ୍ନ ଗ୍ରାମରେ ଉଦ୍‌ଯାପିତ ହୋଇଯାଇଛି। ଏହି ବ୍ଲକର ୧୭ଟି ଗ୍ରାମରୁ ୧୫ଟି ଗ୍ରାମରେ ଶନିବାର ମାସନ୍ତ ମେରୁ ଅନୁଷ୍ଠିତ ହୋଇଥିବା ବେଳେ ରବିବାର ଆଉ ଦୁଇଟି ଗ୍ରାମରେ ସଂକ୍ରାନ୍ତି ମେରୁ ଉଦ୍‌ଯାପିତ ହୋଇ ରୁଦ୍ର ଏବଂ କାଳୀ ନିଜ ମନ୍ଦିରକୁ ଫେରିଥିବା ବେଳେ ମାନସିକ ଧାରୀ ଦଣ୍ଡଭୂକ୍ତାମାନେ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରବିବାର ବେଲଗୁଣ୍ଠା ବ୍ଲକର ଜାଲଖାଇ ଏବଂ ଇନ୍ଦନପୁର ଆଦି ଗ୍ରାମରେ ଝାମୁଯାତ୍ରା ଅନୁଷ୍ଠିତ କରଯାଇ ଦଣ୍ଡଯାତ୍ରା ଉଦ୍‌ଯାପିତ ହୋଇଛି। ସେହିପରି ଗାଙ୍ଗପୁର ଥାନା ଅନ୍ତର୍ଗତ କେଶରାପଲ୍ଲୀ, ପଣିବନ୍ଧ ଏବଂ ଖୁକୁଣ୍ଡିଆ ଗ୍ରାମରେ ମଧ୍ୟ ସଂକ୍ରାନ୍ତି ମେରୁ ଉଦଯାପିତ ହୋଇଯାଇଛି। ସନ୍ଧ୍ୟାରେ ଆଳତୀ ଅନୁଷ୍ଠିତ ହେବା ପରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ସଚେତନତା ରାଲି

ଖଲ୍ଲିକୋଟ, ୧୪।୪ (ପ୍ରଶାନ୍ତ କୁମାର ମିଶ୍ର)

ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ଖଲ୍ଲିକୋଟ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ରବିବାର ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧୪ ରୁ ୨୦ ତାରିଖ ଯାଏ ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ଖଲ୍ଲିକୋଟ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ କେଶପୁରଠାରେ ଅଗ୍ନି ନିରାପତ୍ତା ସମ୍ପର୍କରେ ଖଲ୍ଲିକୋଟ ଅଗ୍ନିଶମ କେନ୍ଦ୍ର ଅଧିକାରୀ ସୁଧାକର ନାୟକ ବୁଝାଇଥିଲେ। ତା'ସହ ହଠାତ୍ ନିଆଁ ଲାଗିଲେ କିପରି ସେଥିରୁ ନିଜକୁ ରକ୍ଷା କରିବା ଏବଂ ଗ୍ୟାସ୍‌ରେ ଲାଗିଥିବା ନିଆଁକୁ କିପରି ଆୟତ୍ତ କରିବା ସେ ସମ୍ପର୍କରେ ସ୍ଥାନୀୟ ବାସିନ୍ଦାମାନଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଲ୍ଲିକୋଟ ଅଗ୍ନିଶମ ସେବା କେନ୍ଦ୍ରର ଆଇଏଫ୍‌ଏମ୍ ଲକ୍ଷ୍ମୀଧର ସାହୁ, ଏଫ୍‌ଏମ୍ ରଶ୍ମିକାନ୍ତ ବେହେରା, ସନ୍ତୋଷ କୁମାର ଲେଙ୍କା, ମନୋଜ କୁମାର ସେଠୀ, ନିଲମ କୁମାର ସାହୁ ଓ ସଞ୍ଜିତି କୁମାର ସିଂ ପ୍ରମୁଖ ସାମିଲ ଥିଲେ।




ଆସିକା, ୧୪।୪ (ସୁରେନ୍ଦ୍ର ନାଥ ସାହୁ)– ଆସିକା ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ସେବା ସପ୍ତାହ ଅବସରରେ ରବିବାର ସ୍ଥାନୀୟ ବସଷ୍ଟାଣ୍ଡଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବସଷ୍ଟାଣ୍ଡସ୍ଥିତ ୨ଟି ପେଟ୍ରୋଲ ପମ୍ପ ପରିସରରେ ଅଗ୍ନିଶମ ବିଭାଗ ପକ୍ଷରୁ ଆକସ୍ମିକ ଅଗ୍ନିକାଣ୍ଡରେ ନିଆଁ ଆୟତ୍ତ କରିବା କୌଶଳ ପ୍ରଦର୍ଶନ କରାଯାଇଥିଲା । ଏଥିସହ ଗ୍ୟାସରେ ରୋଷେଇ କରିବା ବେଳେ କିଭଳି ସତର୍କତା ଅବଲମ୍ବନ କରିବାକୁ ହେବ ଓ ଦୋକାନ ବଜାର ଓ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରତି ପ୍ରଥମେ ଧ୍ୟାନ ଦେବା ଲାଗି ପରାମର୍ଶ ଦିଆଯାଇଥିଲା । ଅଗ୍ନିଶମ ଅଧିକାରୀ କୈଳାସ ଚନ୍ଦ୍ର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗୀୟ କର୍ମଚାରୀ ପ୍ରଶାନ୍ତ କୁମାର ମହାପାତ୍ର, ସୁଶାନ୍ତ କୁମାର ବେହେରା, ବିଶ୍ୱନାଥ ଭୋଗର୍ତ୍ତ, ପ୍ରକାଶ କହଁର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

# ମା' ଦକ୍ଷିଣକାଳୀଙ୍କ ମେରୁ ସଂକ୍ରାନ୍ତି ପର୍ବ

ପୋଲସରା, ୧୪।୪ (ସୁବ୍ରତ ବେହେରା)

ଚୈତ୍ରମାସରେ ଗଞ୍ଜାମ ଜିଲାରେ ପ୍ରସିଦ୍ଧ ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରବିବାର ମେରୁ ସଂକ୍ରାନ୍ତି ପର୍ବ ପୋଲସରା ମା' ଦକ୍ଷିଣକାଳୀଙ୍କ ପୀଠରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଣରେ ପାଳନ ହୋଇଛି। ଘଣ୍ଟ ଢୋଲ ବାଜାରେ ମା' କାଳୀଙ୍କ ଆହ୍ୱାନ ପ୍ରକମ୍ପିତ ହୋଇ ଉଠୁଥିବା ବେଳେ ମାନସିକଧାରୀ ଦଣ୍ଡୁଆମାନେ ଯଥା ରୀତିନୀତି ଅନୁସାରେ ଧୂଳିଦଣ୍ଡ, ପାଣିଦଣ୍ଡ, ଗ୍ରାମ ପରିକ୍ରମା କରିବା ସହ ପୂର୍ଣ୍ଣାହୁତିରେ ମା' କାଳୀଙ୍କ ମନ୍ଦିର ପରିକ୍ରମା କରିଥିଲେ। ଏହା ପରେ ଦୁଇ ଖୁଣ୍ଟିରେ ମୁଖ୍ୟପାଟ ଦଣ୍ଡୁଆଙ୍କୁ ଦହିରେ ସ୍ନାନ କରାଇ ଗୋଡ଼ ଉପରକୁ ବାନ୍ଧି ମୁଣ୍ଡ ତଳକୁ କରି ମେରୁଅଗ୍ନି କୁଣ୍ଡରେ ଝୁଲି ମା' କାଳୀଙ୍କୁ ସମର୍ପଣରେ ଜଗତର କଲ୍ୟାଣ କରିଥାନ୍ତି। ଦଣ୍ଡଯାତ୍ରାର ସମସ୍ତ କମିଟିବୃନ୍ଦ ଦଣ୍ଡଯାତ୍ରାର କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳନା କରିଥିଲେ।

# ଅର୍ଥମନ୍ତ୍ରୀ ପାଳିଲେ ଓଡ଼ିଆ ନବ ବର୍ଷ



ଓଡ଼ିଆ ନବ ବର୍ଷ ପାଳନ ଅବସରରେ ଅର୍ଥମନ୍ତ୍ରୀ।

ଭଞ୍ଜନଗର, ୧୪।୪ (ବାବୁଲା ପ୍ରଧାନ)

ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ରବିବାର ଭଞ୍ଜନଗର ନିକଟସ୍ଥ ଅଗଖୋଳ ସ୍ଥିତ ବାସଭବନରେ ଓଡ଼ିଆ ନବ ବର୍ଷ ପାଳିଥିଲେ। ଏହି ଅବସରରେ ବହୁ ଲୋକ ମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ମନ୍ତ୍ରୀ ଶ୍ରୀ ଆରୁଖ ଗ୍ରାମ ମନ୍ଦିରରେ ହେଉଥିବା ହନୁମାନ ଜୟନ୍ତୀ ଉତ୍ସବ, ମହାବିଷୁବ ସଂକ୍ରାନ୍ତି ଉତ୍ସବରେ ଯୋଗଦେଇ ଠାକୁରଙ୍କ ଦର୍ଶନ କରିଥିଲେ। ଏହି ସମୟରେ ଗ୍ରାମ ପରିଚାଳନା କମିଟିର ବରିଷ୍ଠ କର୍ମକର୍ତ୍ତା ସୁବଳ ପ୍ରଧାନ, ବିଶୁ ପ୍ରଧାନ, ଗୁରୁମୂର୍ତ୍ତି ପ୍ରଧାନ, ଅନୀଲ ପ୍ରଧାନ, ସାଇବ ପ୍ରଧାନ, କେଦାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଭଞ୍ଜନଗର ଅଞ୍ଚଳର ବିଭିନ୍ନ ହନୁମାନ ମନ୍ଦିରରେ ହନୁମାନ ଜୟନ୍ତୀ ଏବଂ ପଣା ସଂକ୍ରାନ୍ତି ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି।

# ଆମ୍ବେଡକରଙ୍କ ୧୩୩ତମ ଜୟନ୍ତୀ ପାଳିତ

ରାମଗିରି, ୧୪।୪ (ବୃନ୍ଦାବନ ଗୌଡ଼)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରିସ୍ଥିତ ଡ. ବି.ଆର. ଆମ୍ବେଡକର ସ୍ନାତକ ମହାବିଦ୍ୟାଳୟରେ ଆମ୍ବେଡକରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ସର୍ବପ୍ରଥମେ ସୁବଲଡା ଗ୍ରାମର ବହୁ ଆମ୍ବେଡକରପ୍ରେମୀ ସୁବଲଡା ଗ୍ରାମରୁ ବାଇକ୍ ଶୋଭାଯାତ୍ରାରେ ବାହାରି ରାମଗିରି ନଗର ପରିକ୍ରମା କରି ମହାବିଦ୍ୟାଳୟରେ ପହଞ୍ଚିଥିଲେ। ମହାବିଦ୍ୟାଳୟ ସଭାପତି ହରିଶ୍ଚନ୍ଦ୍ର ରଇତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁବଲଡା ଗ୍ରାମପଞ୍ଚାୟତ ସରପଞ୍ଚ ବିରୋଜା ମଣ୍ଡଳ, ମୁଖ୍ୟବକ୍ତା ଭାବେ ମହୋନା ଆଇଟିଆଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗଦୀଶ ହାଇବ୍ରୁ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ସାଧାରଣ କମିଟି ସଭାପତି ଯୁଧିଷ୍ଠିର ବଡ଼ମୁଣ୍ଡି, ମହାବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସମ୍ପାଦକ ବନମାଳୀ ଶବର, ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦଳାଇ, ସଭାପତି ରଘୁନାଥ ବଡ଼ମୁଣ୍ଡି, ଶିକ୍ଷକ ନରସିଂହ ଗୌଡ଼ ମଞ୍ଚାସୀନ ଥିଲେ।





ରାମଗିରିରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ଏବଂ ରମ୍ଭାଠାରେ ଡ. ଭୀମରାଓ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ।

ରମ୍ଭା (ବନବାସୀ ସେଠୀ): ସ୍ଥାନୀୟ ଘୁମସୁରିଆ ସାହି ଯୁବ କଲ୍ୟାଣ ସଂଘ ତରଫରୁ ଡ. ଭୀମରାଓ ଆମ୍ବେଡକରଙ୍କ ୧୩୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ସମସ୍ତଙ୍କ ଉପସ୍ଥିତିରେ ବାବା ସାହେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ କରିଥିଲେ। ପରେ ରମ୍ଭା ପିଡବ୍ଲୁଡି ପାର୍ଶ୍ୱ ଯୁବ କଲ୍ୟାଣ ସଂଘଠାରୁ ପାଣ୍ଟନିବାସଯାଏ ରମ୍ଭା ସହରରେ ବାବାଙ୍କ ଫଟୋର ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଏକ ରାଲି କରି ସହର ପରିକ୍ରମା କରିଥିଲେ। ଏଥିରେ ସାମାଜିକ କର୍ମୀ ଭୀମସେନ ବେହେରା, ଆଡ୍‌ଭୋକେଟ ସୁମା ଦାସ ପ୍ରତିନିଧିତ୍ୱ କରିଥିବା ବେଳେ ବାପି ଜେନା, ଆଡ୍‌ଭୋକେଟ ରାଜେନ୍ଦ୍ର ବେହେରା, ମହାଦେବ ମଲ୍ଲିକ, ଆଡ୍‌ଭୋକେଟ ସନ୍ତୋଷ ନାୟକ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ଜେନା, ଚୁନା ନାୟକ, ପ୍ରଶାନ୍ତ ନାୟକ, ରଞ୍ଜିତ ନାୟକ, ଦଣ୍ଡପାଣି ନାୟକ, ଟୁକୁନା, ମହେନ୍ଦ୍ର, ଆକାଶ, ମୁରଲୀ, ମନୋଜ, ପ୍ରମୋଦ, ଚନ୍ଦ୍ରଶେଖର, ବିକାଶ, ସୁଶାନ୍ତ, ଶ୍ରୀନାଥ, ରାହୁଲ, ବିନୋଦ, ଭଗବାନ, କାଳିଆ, କାହ୍ନୁ, ରମେଶ, ରୋହନ, ବାବୁଲା ଦାସ, ପଦ୍ମ ଦାସ, ମୋହନ, ହୀନ, ମିଥୁନ, ଆଲୋକ, କରୁଣା, ଅଜୟ, ବିଜୟ, ଶଙ୍କର, ଋଷି, ଶୁଭମ୍, ସମୀର, ମହେଶ୍ୱର, ପ୍ରବୀଣ, ସିମରନ, ଆରବିନ, ନରେନ୍ଦ୍ର, ଶୁଭେନ୍ଦ୍ର, ବବୁଲ, ବିଜୟ ସାମିଲ ରହିଥିଲେ।

# କେଦାରେଶ୍ୱର ମନ୍ଦିରରୁ ଚୋରି

ପୁରୁଷୋତ୍ତମପୁର, ୧୪।୪ (ସୀମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର କୁଶପୁର ଗ୍ରାମରେ ଥିବା କେଦାରେଶ୍ୱର ମହାଦେବ ମନ୍ଦିରରେ ଶନିବାର ରାତିରେ ଦୁର୍ବୃତ୍ତମାନେ ପଶି ଘଣ୍ଟ, ଘଣ୍ଟି, ଏମ୍ପ୍ଲୋଫାଇର ମେଶିନ ଆଦି ଜିନିଷପତ୍ରମାନ ଚୋରିକରି ନେଇଯାଇଛନ୍ତି। ଏହାକୁ ସକାଳୁ ପୂଜକ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

MCL
ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

CMPFO କମିଶନର ପ୍ରଦତ୍ତ ରେଫ୍. ନଂ. CPF/CP/111(26)/Pen/Misc/HQ/Vol-III/520, ତାରିଖ: 25/08/2023 ଚିଠି ଏବଂ ଏହା ପରେ GM(P/PF & Pension), MCL HQଙ୍କ ପ୍ରଦତ୍ତ ବିଜ୍ଞପ୍ତି ରେଫ୍ ନଂ. MCL HQ/PF & PENSION/2023/5945, ତାରିଖ: 09.09.2023 ଅନୁସାରେ MCLର ସମସ୍ତ ପେନସନରମାନଙ୍କୁ ଏତଦ୍ୱାରା ପରାମର୍ଶ ଦିଆଯାଉଛି ଯେ, ଝଣ୍ଟମୁକ୍ତ ପତି/ପତ୍ନୀଙ୍କ ପେନସନ ପାଇଁ **ପରିବର୍ତ୍ତିତ PPO (ପେନସନ ପେମେଣ୍ଟ ଅର୍ଡର)** ଜାରି କରିବା ନିମନ୍ତେ ନିମ୍ନଲିଖିତ ଡକ୍ୟୁମେଣ୍ଟସ୍/ବିବରଣୀମାନ ଜମା କରିବା ଆବଶ୍ୟକ:-

**1.** ସଠିକ୍ ଭାବରେ ପୂରଣ କରାଯାଇଥିବା ଆବେଦନପତ୍ର , **2.** ପତି/ପତ୍ନୀଙ୍କ ନାମ ଏବଂ ଯୁଗ୍ମ ଫଟୋଗ୍ରାଫ (3ଟି), **3.** ପତି/ପତ୍ନୀଙ୍କ ସହ 'ଫର୍ମର ବା ସରଭାଇବର' ମୋଡ ରେ କାର୍ଯ୍ୟକ୍ଷମ ଥିବା ପେନସନରଙ୍କ ବିଦ୍ୟମାନ ବ୍ୟାଙ୍କ ଆକାଉଣ୍ଟ, **4.** ସ୍ୱସ୍ୱାକ୍ଷରିତ ଉଭୟ ନିଜର ଏବଂ ପତି/ପତ୍ନୀଙ୍କ ଆଧାର କାର୍ଡ ଏବଂ PAN କାର୍ଡର ପ୍ରତିଲିପି, **5.** ନିଜର ଏବଂ ପତି/ପତ୍ନୀଙ୍କ ମୋବାଇଲ ନମ୍ବର, **6.** ନିଜର ଏବଂ ପତି/ପତ୍ନୀଙ୍କ ଇ-ମେଲ୍ ଆଇଡି।

ଉପରୋକ୍ତ ଡକ୍ୟୁମେଣ୍ଟ ବା ତଥ୍ୟାବଳୀ (ସ୍ୱସ୍ୱାକ୍ଷରିତ) ସଂପୃକ୍ତ ଏରିଆ ପର୍ସୋନାଲ ମ୍ୟାନେଜର (APM)ଙ୍କ ଅଫିସରେ (ଯେଉଁଠାରୁ ସଦସ୍ୟ ଅବସରଗ୍ରହଣ କରିଥିବେ) ଜମା ଦେବା ଆବଶ୍ୟକ ଏବଂ ଯଦି MCL HQଙ୍କ ଅଫିସରୁ ଅବସର ଗ୍ରହଣ କରିଥିବେ, ତେବେ ଆବେଦନପତ୍ର ଜେନାରାଲ ମ୍ୟାନେଜର (P/PF & Pension), MCL HQଙ୍କ ଅଫିସରେ ଜମାଦେବାକୁ ହେବ ।

ସଦସ୍ୟମାନଙ୍କୁ MCL ୱେବସାଇଟ୍ www.mahanadicoal.in ଦେଖିବାକୁ ଏବଂ ଲିଙ୍କ୍ - https://www.mahanadicoal.in/InfoBank/PP/NOTICE%20%205945%20120324.pdfରୁ ଉପରଲିଖିତ ବିଜ୍ଞପ୍ତି/ଆବେଦନପତ୍ର ଓ ଆବଶ୍ୟକ ଡକ୍ୟୁମେଣ୍ଟ ଗୁଡ଼ିକର ତାଲିକା ଖୋଲିବା/ଡାଉନଲୋଡ କରିବା ପାଇଁ ପରାମର୍ଶ ଦିଆଯାଉଛି।

କୌଣସି ସମସ୍ୟା ବା କିଛି ଜାଣିବାର ଥିଲେ ଯେକୌଣସି କାର୍ଯ୍ୟଦିବସର ପୂର୍ବାହ୍ନ 10:00 ଘଟିକାରୁ ଅପରାହ୍ନ 05:00 ଘଟିକା ମଧ୍ୟରେ 0663-2542739 ନମ୍ବରରେ ଅଥବା ଇ-ମେଲ ଆଇଡି: pension.mcl@coalindia.in ରେ ଯୋଗାଯୋଗ କରିପାରିବେ।

ଜେନେରାଲ ମ୍ୟାନେଜର (P/PF & Pension),
MCL HQ, ସମ୍ବଲପୁର

R-5203



ରାମଲିଙ୍ଗେଶ୍ୱରସ୍ଥିତ ମନ୍ଦିରରେ ହନୁମାନଙ୍କ ପୂଜାର୍ଚ୍ଚନା।



ହିଲପାଟଣା ହନୁମାନ ମନ୍ଦିର ପରିସରରେ ହନୁମାନ ଚାଳିଶା ପାଠ କରାଯାଉଛି।



ଲୋଚାପଡା ମେରୁଯାତ୍ରାରେ ଶ୍ରଦ୍ଧାଳୁମାନେ।

## ସବୁଠି ହନୁମାନଙ୍କ ପୂଜାର୍ଚ୍ଚନା

ବ୍ରହ୍ମପୁର,୧୪।୪(ସ୍ମୃତି ରଞ୍ଜନ ମହାଲିକ)

ମହାନଗର ତଥା ଆଖପାଖ ଅଞ୍ଚଳରେ ମହାବିଷୁବ ସଂକ୍ରାନ୍ତି ଓ ମହାବୀର ହନୁମାନଙ୍କ ଜୟନ୍ତୀ ପାଳନ କରାଯାଇଛି। ଜୟଶ୍ରୀ ରାମ, ଜୟ ହନୁମାନ ଧ୍ୱନିରେ ମନ୍ଦିର ପ୍ରକମ୍ପିତ ହୋଇଛି। ବିଭିନ୍ନ ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁ ୧୦୮ ହନୁମାନ ଚାଳିଶା ପାଠ କରଛନ୍ତି। ରାମଲିଙ୍ଗେଶ୍ୱର, ହନୁମାନ ବଜାର ହନୁମାନ ମନ୍ଦିର, ଷ୍ଟେସନ ରୋଡ, ହିଲପାଟଣା, ବାପୁଜୀନଗର ରୋଡ ସ୍ଥିତ ହନୁମାନ ମନ୍ଦିର, ମାଣ୍ଡିଆପଲୀ ହନୁମାନ ମନ୍ଦିର, ଗୋସାଣୀନୂଆଗାଁ ଓ କୁମ୍ଭାରପଲ୍ଲୀରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସକାଳେ ହୋମ ଯଜ୍ଞ, ରାମତାରକ ମନ୍ତ୍ର, ସୁନ୍ଦରାକାଣ୍ଡ, ଷୋଡଶ ଉପଚାର ପୂଜା, ହନୁମାନ ଚାଳିଶା ଓ ବେଢା ପରିକ୍ରମା କରାଯାଇଥିଲା। ଷ୍ଟେସନ ରୋଡ ସ୍ଥିତ ହନୁମାନ ମନ୍ଦିରରେ ଜନାର୍ଦ୍ଦନ ଦାଶ, ଭଗବାନ ପାଣିଗ୍ରାହୀ, ଅଜୟ ସାହୁ ଓ ସନ୍ତୋଷ ପଣ୍ଡା ପ୍ରମୁଖ ପୂଜା ପରିଚାଳନା କରିଥିଲେ। ସେହିଭଳି ହନୁମାନ ବଜାର ହନୁମାନ ମନ୍ଦିରରେ ବଳରାମ ସାହୁ, ଦୀପକ କୁମାର ପାଣି ଓ କର୍ତ୍ତା ଭାବେ ଅଂଶୁମାନ ପଣ୍ଡା ଏବଂ ଲକ୍ଷ୍ମୀ ପ୍ରିୟା ପଣ୍ଡା ପୂଜା ପରିଚାଳନା କରିଥିଲେ। ସହରର ମୁଖ୍ୟଛକ ଗୁଡିକରେ ସ୍ୱେଚ୍ଛାସେବୀ ସଂଗଠନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ସ୍ଥାନୀୟ ସାହି ବାସିନ୍ଦାଙ୍କ ପକ୍ଷରୁ ପଣା ବଣ୍ଟନ ହୋଇଥିଲା।

## ୨ଦିନ ପରେ ମୃତକଙ୍କ ପରିଚୟ ମିଳିଲା

### ରେଳଧାରଣାରୁ ମୃତଦେହ ଜବତ ଘଟଣା

ବ୍ରହ୍ମପୁର,୧୪।୪(ସୁବାସ ଚନ୍ଦ୍ର ପାଢ଼ୀ)

ରମ୍ଭା ରେଲଓଭର ବ୍ରିଜ ରେଳଧାରଣାରୁ ଗତ ୧୨ ତାରିଖରେ ରେଳବାଇ ପୋଲିସ (ଜିଆରପି) ଜଣେ କିନ୍ନରଙ୍କ ମୃତଦେହ ଜବତ କରିଥିଲା। ୨ଦିନ ପରେ ମୃତକଙ୍କ ପରିଚୟ ମିଳିଛି। ସେ ହେଲେ ଖୋର୍ଦ୍ଧା ଅଞ୍ଚଳର ନରେନ୍ଦ୍ର ବାରିକ (୨୪)। ମୃତକଙ୍କ ବାପା ନିରଞ୍ଜନ ବାରିକ ଏମକେସିଜି ମେଡିକାଲକୁ ଯାଇ ମୃତଦେହ ଚିହ୍ନଟ କରିଥିବା ପୋଲିସ କହିଛି। ବ୍ୟବଚ୍ଛେଦ ପରେ ଏମକେସିଜି ମେଡିକାଲରେ ସଂରକ୍ଷିତ ରଖାଯାଇଥିବା ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ.୨୯/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବା ବେଳେ ତାଙ୍କର କିପରି ମୃତ୍ୟୁ ଘଟିଛି ସେ ନେଇ ପୋଲିସ ସବୁ ଦିଗରୁ ତଦନ୍ତ ଚଳାଇଛି।

## ବିକାଶ ମଞ୍ଚ ପକ୍ଷରୁ ଆମ୍ବେଡକର ଜୟନ୍ତୀ

ବ୍ରହ୍ମପୁର,୧୪।୪(ନରସିଂହ ସାହୁ)

ଭାରତର ସମ୍ବିଧାନ ପ୍ରଣେତା ଡ଼. ବି.ଆର ଆମ୍ବେଡକରଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଆମ୍ବେଡକର ଏସସିଓଏସଟି ବିକାଶ ସଭାପତି ଭାସ୍କର ହାତୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି କର୍ପୋରେଟର ମଳୟ ବିଶୋୟୀ ଅତିଥି ଭାବେ ଯୋଗଦେଇ ବାବା ସାହେବଙ୍କ ସ୍ମୃତିଚାରଣ କରିଥିଲେ। ସାଧାରଣ ସମ୍ପାଦିକା ବିଷ୍ଣୁପ୍ରିୟା ନାୟକ, କାର୍ଯ୍ୟକାରୀ ସଭାପତି ଅଶୋକ ନିମାଇଁଙ୍କ ସମେତ ଗାଗାରିନ ନାୟକ, ସାମାଜିକ କର୍ମୀ ଶୂନ୍ୟଚନ୍ଦ୍ର ଦାସ, ବନମାଳୀ ସେଠୀ ଯୋଗ ଦେଇଥିଲେ। ଇଞ୍ଜିନିୟରିଂ ସ୍କୁଲ ଛକପାଖରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉପଦେଷ୍ଟା ଟି. ବଳରାମ, ସଂଗଠନ ସମ୍ପାଦକ ଟି. ଶିବ କୁମାରଙ୍କ ସମେତ ବିଭିନ୍ନ ବର୍ଗର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ। ଆଇନ ପରାମର୍ଶଦାତା ଜଗନ୍ନାଥ ସାବତ, ଆଦିତ୍ୟ ନାୟକ, ମଞ୍ଚ କୋଷାଧ୍ୟକ୍ଷ ପ୍ରତୀମା ଦେବୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମେରୁ ଖୁଣ୍ଟିରେ ଝୁଲିଲେ ପାଟଭୁକ୍ତା

ବ୍ରହ୍ମପୁର,୧୪।୪(ସ୍ମୃତି ରଞ୍ଜନ ମହାଲିକ)



ଦୀର୍ଘ ୨୧ ଦିନ ଧରି ଚାଲିଥିବା ଦଣ୍ଡନାଚ ରବିବାର ସଂକ୍ରାନ୍ତିରେ ସରିଛି। ଶେଷ ଦିନରେ ମେରୁ ଖୁଣ୍ଟିରେ ପାଟଭୁକ୍ତାଙ୍କୁ ଝୁଲାଇ ମାନସିକଧାରୀ ଦଣ୍ଡୁଆମାନେ ମା'ଙ୍କ ନିକଟରେ ଶରଣପଶି ବ୍ରତ ସମାପନ କରିଛନ୍ତି। ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ମେରୁଯାତ୍ରା ଭକ୍ତିମୟ ପରିବେଶରେ ସମାପନ ହୋଇଛି। ବ୍ରହ୍ମପୁର ସହରର ବିଜିପୁର, ନୂଆ ବସଷ୍ଟାଣ୍ଡ, ଆମ୍ବପୁଆ, ବ୍ରଜନଗର, ପାତାଳେଶ୍ୱର, ପାଣିଗ୍ରାହୀପେଣ୍ଠ, ଗୋସାଣୀ ନୂଆଗାଁ ଓ ସହର ଉପକଣ୍ଠ ବଡଗୁମୁଳା, ଲୋଚାପଡାସ୍ଥିତ କାଳୀ ମନ୍ଦିରରେ ନିକଟରେ ମେରୁଯାତ୍ରା ହୋଇଯାଇଛି। ପରମ୍ପରା ଅନୁଯାୟୀ ଧୂଳିଦଣ୍ଡ, ପାଣି ଦଣ୍ଡ ସାରି ଆସିବା ପରେ ମେରୁଖୁଣ୍ଟି ତଳେ ପୂଜାର୍ଚ୍ଚନା ଓ ହୋମ କରାଯାଇଥିଲା। ଏହାପରେ ଦଣ୍ଡଯାତ୍ରା ବାହାରିବା ଦିନଠାରୁ ମାନସିକ କରି ମନ୍ଦିରରେ ମା'ଙ୍କ ଶରଣ ଯାଇଥିବା ପାଟଭୁକ୍ତା ହୋମକୁଣ୍ଡ ନିକଟକୁ ଆସିଥିଲେ। ସେଠାରେ ଝୁଣା, ଦୀପ ଧୂପ ଦିଆଯାଇ ତାଙ୍କୁ ମେରୁଖୁଣ୍ଟିରେ ଓହଳା ଯାଇଥିଲା। ତଳେ ହୋମ ନିଆଁରେ ଝୁଣା ଦିଆଯାଇଥିଲା। ୩ ଥର ପାଟଭୁକ୍ତାଙ୍କୁ ଝୁଲାଇବା ପରେ ଓହ୍ଲାଇ ଦିଆଯାଇଥିଲା। ଏହି ଦୃଶ୍ୟକୁ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ବିଭିନ୍ନ ମନ୍ଦିର କମିଟି ପକ୍ଷରୁ ପୋଲିସ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସନ୍ଧ୍ୟାରେ ମା' କାଳୀଙ୍କ ଆଳତୀ ହୋଇଥିଲା।

# ଅଗ୍ନିଶମ ଦିବସ, ଶହୀଦ ଦିବସ ପାଳିତ



ବ୍ରହ୍ମପୁର,୧୪।୪(ସୁବାସ ଚନ୍ଦ୍ର ପାଢ଼ୀ)

ଗୋପାଳପୁରସ୍ଥିତ ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀଙ୍କ କାର୍ଯ୍ୟାଳୟରେ ୮୦ତମ ଅଗ୍ନିଶମ ଦିବସ ଓ ଶହୀଦ ଦିବସ ରବିବାର ପାଳିତ ହୋଇଯାଇଛି। ଏଥିରେ ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ ବିଚିତ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀ ଲୋକଙ୍କୁ ନିଷ୍ଠାପର ଭାବେ ସେବା ଯୋଗାଇ ଆସୁଛନ୍ତି ବୋଲି କହିଥିଲେ। ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବାରେ ଅଗ୍ନିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ବିଭାଗ ପକ୍ଷରୁ ସପ୍ତାହେ ବ୍ୟାପି ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ୨୩ ଅବସରପ୍ରାପ୍ତ ଅଗ୍ନିଶମ ବିଭାଗ କର୍ମଚାରୀ ଓ ଅଧିକାରୀଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଅଗ୍ନିକାଣ୍ଡରେ ଯେଉଁ ଅଗ୍ନିଶମ ଅଧିକାରୀ ଓ କର୍ମଚାରୀ ଶହୀଦ ହୋଇଛନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଡେ଼ପୁଟି ଫାୟାର ଅଫିସର ସୁଶାନ୍ତ କୁମାର ବିଶ୍ୱାଳ , ଷ୍ଟେଶନ ଅଫିସର(ଏସଓ ) କୃଷ୍ଣଚନ୍ଦ୍ର ପାଢ଼ୀ, ସୁଶାନ୍ତ କୁମାର ମହାପାତ୍ର, ଲୋକେଶ ମିଞ୍ଜି ଓ ସହକାରୀ ଅଗ୍ନିଶମ ଅଧିକରୀ ଠାକୁର ପ୍ରାସଦ ଦଳାଇଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ ।

## କେରାଣ୍ଡିତୋଳା ମେରୁଯାତ୍ରାରେ ୫ହଜାର ଶ୍ରଦ୍ଧାଳୁ

ବ୍ରହ୍ମପୁର,୧୪।୪(ଅଶୋକ କୁମାର ସାହୁ)

ଛତ୍ରପୁର ବ୍ଲକ କେରାଣ୍ଡିତୋଳା ନାରାୟଣପୁର ଗ୍ରାମରେ ରବିବାର ମେରୁଯାତ୍ରା ସମ୍ପନ୍ନ ହୋଇଯାଇଛି। ପୂର୍ବାହ୍ନରେ ଧୂଳିଦଣ୍ଡ ଓ ପାଣିଦଣ୍ଡ ପରେ ପାଟଭୁକ୍ତାଙ୍କୁ ମେରୁଖୁଣ୍ଟରେ ଝୁଲାଯାଇଥିଲା। ପୁରୋହିତ ବୁଲୁ ଶତପଥୀ ମେରୁ ହୋମ ପୁରୋଧା ଥିଲେ। ମା' କାଳୀମନ୍ଦିର କମିଟିର ସଭାପତି ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ନରହରି ପ୍ରଧାନ ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ। ପ୍ରାୟ ୫ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜଗନ୍ନାଥପୁର ଫାଣ୍ଡି ଅଧିକାରୀ ଅରୁଣ କୁମାର ରାଉତଙ୍କ ନେତୃତ୍ୱରେ ପୋଲିସ ବାହିନୀ ମୁତୟନ ଥିଲେ। ଶ୍ରଦ୍ଧାଳୁଙ୍କ ତୃଷା ମେଣ୍ଟାଇବା ପାଇଁ ଶୁଭେନ୍ଦୁ-ସୁଧାଂଶୁ-ସୁଧୀର ଚାରିଟେବୁଲ ସଂସ୍ଥା ଦ୍ୱାରା ଜଳ ବିତରଣ କରାଯାଇଥିଲ। ରୋଟାରି ଆସିଷ୍ଟାଣ୍ଟ ଗଭର୍ନର କାମରାଜୁ ମହାରଣାଙ୍କ ସମେତ ବିକ୍ରମ ପାଣିଗ୍ରାହୀ, ଶିବ ପାଣିଗ୍ରାହୀ, ପ୍ରମୋଦ ପ୍ରଧାନ, ପ୍ରଭଞ୍ଜନ ପାଣିଗ୍ରାହୀ ପ୍ରମୁଖ କାର୍ଯକ୍ରମରେ ସହଯୋଗ କରିଥିଲେ। ଏଥି ସହିତ ବିଭନ୍ନ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହୋଇଥିଲା।



ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଜଳ ବିତରଣ କରାଯାଉଛି।

## ମହିଳାଙ୍କୁ ଦୁର୍ବ୍ୟବହାର କରୁଥିବା ଯୁବକଙ୍କୁ ଆକ୍ରମଣ

ବ୍ରହ୍ମପୁର,୧୪।୪(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରୁଥିବା ଯୁବକଙ୍କୁ ଆକ୍ରମଣ ହୋଇଛି । ଘଟଣାକୁ ନେଇ ଉଭୟ ପକ୍ଷରୁ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୋଲିସ ୨ଟି ମାମଲା ରୁଜୁ କରିଛି। ପରେ ସେମାନଙ୍କୁ ଥାନାକୁ ଡାକି ତାଗିଦ କରି ଛାଡିଦେଇଛି। ମୟୂରୀ ବିହାରର ଜଣେ ଯୁବକ ଜଣେ ବିବାହିତା ମହିଳାଙ୍କୁ ରାସ୍ତାରେ ଯିବା ଆସିବା ବେଳେ ବାରମ୍ବାର ଦୁର୍ବ୍ୟବହାର କରୁଥିଲେ। ଏ ନେଇ ମହିଳାଙ୍କ ପରିବାର ଲୋକେ ବାରମ୍ବାର ତାଗିଦ କରିବା ପରେ ମଧ୍ୟ ଯୁବକ ଜଣଙ୍କ ଶୁଣୁ ନ ଥିଲେ। ଶନିବାର ମହିଳାଙ୍କ ଭାଇ ସଂପୃକ୍ତ ଯୁବକଙ୍କୁ ଡାକି ଗଜପତିନଗରକୁ ଯାଇଥିଲେ । ସେଠାରେ ମହିଳାଙ୍କ ଭାଇ ଓ ତାଙ୍କର ୨୦ରୁ ଅଧିକ ସହଯୋଗୀ ସମ୍ପୃକ୍ତ ଯୁବକଙ୍କୁ ଆକ୍ରମଣ କରିଥିଲେ ବୋଲି ସେ ଥାନାରେ ଅଭିଯୋଗ କରିଥିଲେ । ମହିଳାଙ୍କ ପରିବାର ପକ୍ଷରୁ ମଧ୍ୟ ଯୁବକଙ୍କ ବିରୋଧରେ ଅଭିଯୋଗ କରାଯାଇଥିଲା।

## ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ

ବ୍ରହ୍ମପୁର,୧୪।୪(ସ୍ମୃତି ରଞ୍ଜନ ମହାଲିକ)

ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରବିବାର ବ୍ରଜନଗରଠାରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ବୈଠକରେ ସଭାପତିତ୍ୱ କରିଥିଲେ। ଆସନ୍ତା ନିର୍ବାଚନରେ ବ୍ରହ୍ମପୁର ଓ ଗୋପାଳପୁର ବିଧାନସଭା ଆସନରେ ପ୍ରାର୍ଥୀ ଦେବା ନେଇ ହୋଇଥିବା ନିଷ୍ପତ୍ତି ଓ ପ୍ରସଙ୍ଗ ଭିତ୍ତିକ ଏଜେଣ୍ଡାକୁ ବୈଠକରେ ଅନୁମୋଦନ କରାଯାଇଥିଲା। ନିଜ ଭୋଟ ମାଧ୍ୟମରେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଜିତାଇବା ନାରା ନେଇ କମିଟି ନିର୍ବାଚନକୁ ଯିବ ବୋଲି ସଂକଳ୍ପ ପତ୍ର ପାରିତ ହୋଇଥିଲା। ଜଣେ ମହିଳା ସାମାଜିକ କର୍ମୀ ତଥା ଆଇନଜୀବୀ ସ୍ୱାଧୀନ ପ୍ରାର୍ଥୀ ରୂପେ ଲଢିବା ପାଇଁ କମିଟି ନିକଟରେ ନିଜ ପ୍ରସ୍ତାବ ରଖିଥିଲେ। ଆସନ୍ତା ୨୦ ତାରିଖ ପୂର୍ବରୁ ଉକ୍ତ ପ୍ରସ୍ତାବ ବାବଦରେ ଜଣାଇବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। କମିଟି ଉପସଭାପତି ଦେବୀ ପ୍ରସାଦ ଦାସ, ଯୁଗ୍ମ ସଂପାଦକ ଟି ସୁଦେଶ ପାତ୍ରଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ମେ ୫ରେ ଗଳ୍ପ ଗଞ୍ଜାମ ଉତ୍ସବ, ସମ୍ମାନିତ ହେବେ ଗାଳ୍ପିକ

ବ୍ରହ୍ମପୁର,୧୪।୪(ସ୍ମୃତି ରଞ୍ଜନ ମହାଲିକ)

ଆସନ୍ତା ମେ ୫ ତାରିଖରେ ବ୍ରହ୍ମପୁରରେ ଗଳ୍ପ ଗଞ୍ଜାମ ଉତ୍ସବ ଉତ୍ସବ ଅନୁଷ୍ଠିତ ହେବ। ସେଥିରେ 'ଗଳ୍ପ ଗଞ୍ଜାମ' ସଂକଳନ ଉନ୍ମୋଚିତ ହେବା ସହ ଗାଳ୍ପିକମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଗଞ୍ଜାମ କବିତାଘର ଲିଟେରାରୀ ଟ୍ରଷ୍ଟ ବ୍ରହ୍ମପୁର ଶାଖା ପକ୍ଷରୁ ଚଳିତବର୍ଷ ନିମନ୍ତେ ଗଳ୍ପ ଗଞ୍ଜାମ ସମ୍ମାନ ଘୋଷଣା କରାଯାଇଛି। ଟ୍ରଷ୍ଟ ପକ୍ଷରୁ ଗଳ୍ପ ସଂକଳନ ଗଞ୍ଜାମ ସଂକଳନରେ ସ୍ଥାନ ପାଇଥିବା ଗାଳ୍ପିକଙ୍କ ମଧ୍ୟରୁ ବିଚାର କରାଯାଇ କଥାକାର ସମ୍ମାନ, ଯୁବ ଗାଳ୍ପିକ ସମ୍ମାନ, ଗଳ୍ପ ପୁସ୍ତକ ସମ୍ମାନ ଓ ଗଳ୍ପ ପ୍ରତିଭା ସମ୍ମାନ ଘୋଷଣା କରାଯାଇଥାଏ ବୋଲି ଟ୍ରଷ୍ଟର ସଂପାଦକ ଭାଗିରଥୀ ବେହେରା କହିଛନ୍ତି। ଚଳିତଥା ଭୁବନେଶ୍ୱରର ବିଶିଷ୍ଟ ଗାଳ୍ପିକା ଲକ୍ଷ୍ମୀ ଚାନ୍ଦଙ୍କୁ କଥାକାର ସମ୍ମାନ, ଖୋର୍ଦ୍ଧାରୁ ଗାଳ୍ପିକ ଗୋପୀନାଥ ଦାଶଙ୍କୁ କ୍ଷୁଦ୍ର ଗାଳ୍ପିକ ସମ୍ମାନ, ଗଞ୍ଜାମ କୋଦଳାର ଦୀପକ କୁମାର ବିଶୋୟୀଙ୍କୁ ନିଃସନ୍ତାନ ଗଳ୍ପ ପୁସ୍ତକ ପାଇଁ ଗଳ୍ପ ପୁସ୍ତକ ସମ୍ମାନ ପ୍ରଦାନ କରାଯିବ। ସେହିଭଳି ଗଞ୍ଜାମର ଧର୍ମାନନ୍ଦ ମହାରଣା, ପ୍ରିୟଙ୍କା ମହାପାତ୍ର, ଖୋର୍ଦ୍ଧାର ଅନୀତା ପାଣି ଓ ଗୁଣପୁରର ସୁରେନ୍ଦ୍ର ମଲିକଙ୍କୁ ଗଳ୍ପ ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ସଭାପତି ଡ ରାଜେନ୍ଦ୍ର କୁମାର ବେହେରା କହିଛନ୍ତି। ଉତ୍ସବରେ ଗାଳ୍ପିକ ଗଦାଧର ପାତ୍ରଙ୍କ ଅଭୁଲା ସ୍ମୃତି ଦାରିଙ୍ଗବାଡି, କବି ନର୍ମଦା ଦେବୀଙ୍କ କବିତା ପୁସ୍ତକ ଇପ୍ସିତ ବେଦନା, ଗାଳ୍ପିକ ଗୋପୀନାଥ ଦାଶଙ୍କ ଅସରନ୍ତି ଅଶ୍ରୁଧାର, ଜ୍ୟୋତ୍ସ୍ନାରାଣୀ ଦେବୀଙ୍କ ଚକର ପାଇଁ ଓ ସରୋଜ ବାଳା ପଟ୍ଟନାୟକଙ୍କ ସୁନା ପିଲା ଉନ୍ମୋଚିତ ହେବାକୁ ଥିବା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଗଦାଧର ପାତ୍ର, ସହ ସଂପାଦିକା ଜୟନ୍ତୀ ବେହେରା ପ୍ରମୁଖ ସମ୍ମାନିତ ହେବାକୁ ଥିବା ଗାଳ୍ପିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ରାଜନୀତି ବିଜ୍ଞାନ ବିଭାଗରେ ଆମ୍ବେଡକର ଜୟନ୍ତୀ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୧୪।୪(ତନୁଶ୍ରୀ ନାହାକ )

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ଓ ଲୋକ ପ୍ରଶାସନ ବିଭାଗର ମିଳିତ ଆନୁକୂଲ୍ୟରେ ସମ୍ବିଧାନର ଜନକ ଡ଼.ଭୀମ ରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ରାଜେଶ ସେଠ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ ଯୋଗଦେଇ ଆମ୍ବେଡକର ଓ ମହାତ୍ମା ଗାନ୍ଧୀଙ୍କୁ ନେଇ ଏକ ତୁଳନାତ୍ମକ ବିଶ୍ଳେଷଣ କରିଥିଲେ। ଆମ୍ବେଡକରଙ୍କ ଦର୍ଶନ ସମ୍ପର୍କରେ ସେ ମତ ରଖିଥିଲେ। ସେହିପରି ଅନ୍ୟତମ ବକ୍ତା ପ୍ରଫେସର ଅମୀୟ କୁମାର ପରିଛା ଯୋଗ ଦେଇ ଆମ୍ବେଡକରଙ୍କ ଭାରତ ପାଇଁ ଥିବା ଅବଦାନକୁ ବର୍ଣ୍ଣନା କରିଥିଲେ। ପ୍ରଫେସର ଶାରଦା ପ୍ରସନ୍ନ ରାଉତ, ସଞ୍ଜୟ ମେହେର ରାଜନୀତି ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ବକ୍ତବ୍ୟ ରଖିଥିଲେ। ଲୋକ ପ୍ରଶାସନ ବିଭାଗର ମୁଖ୍ୟ ପ୍ରଫେସର ସଞ୍ଜୟ ମେହେର ଧନ୍ୟବାଦ ଦେଇଥିଲେ।

# ଟ୍ରାଫିକ ଅଣାୟତ୍ତ: ଶତାଧିକ ଗାଡ଼ି ଫସିଲା

ବ୍ରହ୍ମପୁର, ୧୪।୪(ସୁବାସ ଚନ୍ଦ୍ର ପାଢ଼ୀ)



ଖୋଡାସିଙ୍ଗି-ଆମ୍ବପୁଆ ରାଜ୍ୟ ରାଜପଥରେ ଗାଡି ମୋଟର ଅଟକି ରହିଛି।

ବ୍ରହ୍ମପୁର ସହରରେ ଟ୍ରାଫିକ ସମସ୍ୟା ନୂଆ କଥା ନୁହେଁ । ଏଠି ଦୀର୍ଘବର୍ଷ ଧରି ଟ୍ରାଫିକ୍ ସମସ୍ୟା ଲାଗିରହିଛି। ଏହାର ସ୍ଥାୟୀ ସମାଧାନ ପାଇଁ ପୋଲିସ ପକ୍ଷରୁ ବିଗତ ଦିନରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଥିଲେ ବି ତାହା ବିଫଳ ହୋଇଛି। ସହର ଉପକଣ୍ଠ ଆମ୍ବପୁଆଠାରେ ରବିବାର ଟ୍ରାଫିକରେ ଶତାଧିକ ଗାଡ଼ି ଫସି ଯାଇଥିବାବେଳେ ମେରୁ ଯାତ୍ରା ଦେଖିବାକୁ ଆସିଥିବା ସହସ୍ରାଧିକ ଶ୍ରଦ୍ଧାଳୁ ଓ ପଥଚାରୀ ନାକେଦମ ହୋଇଛନ୍ତି।

ବ୍ରହ୍ମପୁର ସହରର କେତେଟା ରାସ୍ତାକୁ ଛାଡ଼ିଦେଲେ ପ୍ରାୟ ସବୁ ରାସ୍ତା ସଂକୀର୍ଣ୍ଣ। ଏପରିକି ସହର ଦେଇ ଯାଇଥିବା ରାଜ୍ୟ ରାଜପଥ ବି ଏଥିରୁ ବାଦ ପଡ଼ିନି। ଏପରିସ୍ଥଳେ ଅନିୟନ୍ତ୍ରିତ ଭାବେ ବସ୍ ଚଳାଚଳ କରୁଥିବା ବେଳେ ରାସ୍ତା ମଝିରେ ମନଇଚ୍ଛା ବହୁ ସମୟ ଧରି ବସଗୁଡିକ ରହୁଛି। ଅନ୍ୟପକ୍ଷରେ ରାସ୍ତାକଡରେ ମାଳମାଳ ଉଠାଦୋକାନୀ ରାସ୍ତାକୁ ଆହୁରି ସଂକୀର୍ଣ୍ଣ କରି ଦେଉଛନ୍ତି। ଗ୍ରାହକମାନେ ରାସ୍ତା ଉପରେ ଗାଡ଼ି ରଖି କିଣାକିଣି କରୁଥିବାରୁ ଟ୍ରାଫିକ ସମସ୍ୟା ଅଣାୟତ ହେଉଛି। ଖାଲି ସେତିକି ନୁହେଁ, ରାସ୍ତାରେ ଯାଉଥିବା ଦୁଇଚକିଆ ଗାଡ଼ି ଚାଳକମାନେ ମଧ ମନଇଚ୍ଛା ଗାଡ଼ି ଚଲାଉଥିବାବେଳେ ବିଭିନ୍ନ ଛକରେ ଲାଗିଥିବା ଟ୍ରାଫିକ ସିଗନାଲକୁ ମାନୁନାହାନ୍ତି। ପୋଲିସ ପକ୍ଷରୁ ପ୍ରତ୍ୟହ ଯାଞ୍ଚ ହେଉଛି, ତଥାପି ଲୋକେ ସଚେତନ ହେଉନାହାନ୍ତି। ରବିବାର ଥିଲା ମହାବିଷୁବ ସଂକ୍ରାନ୍ତି ଓ ମେରୁଯାତ୍ରା। ଏହି ଦିନ ଦଣ୍ଡନାଚର ଉଦଯାପନୀ ଦିବସ। ତେଣୁ ସବୁ କାଳୀ ମନ୍ଦିରରେ ମେରୁଯାତ୍ରା ଚାଲିଥିଲା। ରାଜ୍ୟ ରାଜପଥ କଡରେ ଥିବା ଆମ୍ବପୁଆ କାଳୀ ମନ୍ଦିରରେ ମେରୁ ଯାତ୍ରା ଦେଖିବା ପାଇଁ ସହସ୍ରାଧିକ ଶ୍ରଦ୍ଧାଳୁ ପହଞ୍ଚିଥିଲେ। ଫଳରେ ଖୋଡାସିଙ୍ଗିଠାରୁ ଆମ୍ବପୁଆ ପର୍ଯ୍ୟନ୍ତ ରାଜ୍ୟ ରାଜପଥ ପୁରା ଜାମ ହୋଇଯାଇଥିଲା। ଅସଂଖ୍ୟ ଗାଡ଼ି ରାସ୍ତା ଉପରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ନିକଟରେ ଗାଡି ରଖିବା ପାଇଁ ବ୍ୟବସ୍ଥା ଥିଲେ ମଧ ରାସ୍ତା ଉପରେ ବସ, ଚାରିଚକିଆଠାରୁ ଆରମ୍ଭ କରି ଦୁଇଚକିଆ ଯାନ ଭରପୁର ଥିଲା। ରାସ୍ତା ସଂକୀର୍ଣ୍ଣ ସାଙ୍ଗକୁ ଏତେ ଗାଡି ରହିବା ଏବଂ ପ୍ରବଳ ଖରା ଓ ରାସ୍ତା ତାତିରେ ପଥଚାରୀ ଓ ଯାତ୍ରୀମାନେ ଅଣନିଃଶ୍ୱାସୀ ହୋଇପଡିଥିଲେ। ପ୍ରାୟ ୨ଘଣ୍ଟା ଧରି ଏଭଳି ଲାଗି ରହିଥିଲା। ପୋଲିସ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଥିଲେ ବି ବହୁସଂଖ୍ୟକ ଲୋକଙ୍କୁ ଆୟତ୍ତ କରିବା ସମ୍ଭବ ହୋଇପାରି ନ ଥିଲା। ଏନେଇ ପୋଲିସ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଅଧିକ ପୋଲିସ ସେଠାକୁ ପଠାଇବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଯାନବାହନଗୁଡ଼ିକ ଅନ୍ୟ ରୁଟରେ ନ ଛାଡ଼ି ସେହି ରାସ୍ତାରେ ଛାଡ଼ିବା ଟ୍ରାଫିକ ସମସ୍ୟାର ପ୍ରମୁଖ କାରଣ ବୋଲି କୁହାଯାଉଛି। ଯାନବାହନ ସେହି ରାସ୍ତାରେ ନ ଛାଡ଼ି ଡୁରା ବାଇପାସ ପଟେ ଛାଡ଼ିଥିଲେ ସମସ୍ୟା ହୋଇନଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

